# ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର

# 'ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ'

ପୁରୀ,୨୬।୧୧(ବ୍ୟୁରୋ): ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ଅନୁକୂଲ୍ୟରେ 'ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ' ଶୀର୍ଷକ ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡିଙ୍କ ସଂରକ୍ଷଣରେ ଏବଂ ପରିସରର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀର ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ପ୍ରବକ୍ତା ଭାବେ ଯୋଗ ଦେଇଥିଲେ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ତିରୁପତିର ପ୍ରାକ୍ତନ କୁଳପତି ତଥା ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀର ସଂସ୍କୃତ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ହରେକୃଷ୍ଣ ଶତପଥୀ। ଏହି ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ଜାତୀୟ ସଂସ୍କୃତ



ବିଶ୍ୱବିଦ୍ୟାଳୟ ତିରୁପତିର କୁଳପତି ପ୍ରଫେସର ଜିଏସ୍ଆର୍ କୃଷ୍ଣମୂର୍ତ୍ତି ଏବଂ ସ୍ୱତନ୍ତ୍ର ଅତିଥି ଭାବେ ରାଜେନ୍ଦ୍ର ନାରାୟଣ କୃଷି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳାଧିପତି ତଥା ପ୍ରଖ୍ୟାତ ସଂସ୍କୃତ ବାଗ୍ମୀ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗ ଦେଇଥିଲେ। ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଆଙ୍ଗିକ ଏବଂ ଆତ୍ମିକ ବିଭବ ଉପରେ ବିବିଧ ଚର୍ଚ୍ଚା କରାଯାଇଥିଲା। ପରେ ବୈଷୟିକ ଅଧିବେଶନରେ ଓଡ଼ିଶା ଏବଂ ବାହାରୁ ଆସିଥିବା ଅଧ୍ୟାପକ ଅଧ୍ୟାପିକା ଏବଂ ଗବେଷକ ଗବେଷିକାମାନେ ସେମାନଙ୍କର ସନ୍ଦର୍ଭ ପାଠ କରିଥିଲେ। ଏଥିରେ ପ୍ରଫେସର ବସନ୍ତ କୁମାର ମିଶ୍ର, ପ୍ରଫେସର ସୀମାଞ୍ଚଳ ପଣ୍ଡା, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ଡ.ନୃସିଂହନାଥ ସୁତ୍ର, ପ୍ରଫେସର ହରିହର ପଣ୍ଡା, ପ୍ରଫେସର ସି. ଲଳିତାରାଣୀ, ଡକ୍ଟର ପାରମିତା ପଣ୍ଡା, ଡକ୍ଟର ନିରଞ୍ଜନ ମିଶ୍ର, ଡକ୍ଟର ଭାରତ ଭୂଷଣ ରଥ ପ୍ରମୁଖ ଯୋଗ ଦେଇଥିଲେ। ବୈଷୟିକ ଅଧିବେଶନର ସଂଯୋଜକ ଭାବେ ଡକ୍ଟର ଗୁରୁ ପ୍ରସାଦ ମିଶ୍ର ଏବଂ ଡକ୍ଟର ସୁବ୍ରତ କୁମାର ଷଡ଼ଙ୍ଗୀ ରହିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ସୁଶାନ୍ତ କୁମାର ରାଜ୍ ଏବଂ ସହ ସଂଯୋଜକ ଅଧ୍ୟାପକ ବିଶ୍ୱନାଥ ମିଶ୍ର ରହିଥିଲେ। ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ପରିସରର ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ୍ ଶାସ୍ତ୍ରୀ।